ISSN -2583-147X (P), **Vol.- 9, Issue No.X, January 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# କର୍ମ-ଜ୍ଞାନ-ଭକ୍ତି ଓ ପରମାତ୍ମାଙ୍କ ସଂଯୋଗ

**ସୁଚିତ୍ରା ବେହେରା**

ହିନ୍ଦୁ ଧର୍ମର ସର୍ବଶ୍ରେଷ୍ଠ ଓ ପବିତ୍ର ଧର୍ମଗ୍ରନ୍ଥ ହେଉଛି ଶ୍ରୀମଦ୍ ଭଗବତ୍ ଗୀତା । ସମସ୍ତ ତତ୍ତ୍ୱ ଜ୍ଞାନରେ ପରିପୂର୍ଣ୍ଣଏହି ଧର୍ମଗ୍ରନ୍ଥରେ ବର୍ଣ୍ଣିତ ତିନୋଟି ଷଟ୍‌କ; କର୍ମଯୋଗ, ଭକ୍ତିଯୋଗ ଓ ଜ୍ଞାନଯୋଗ । ଯୋଗ ଅର୍ଥାତ୍ ଆତ୍ମା ସଙ୍ଗେ ପରମାତ୍ମାଙ୍କ ସଂଯୋଗ, ତାହା ପୁଣି ନିରନ୍ତର । ଯାହାଠାରେ ଏଭଳି ଆଚରଣ ପ୍ରକାଶ ପାଏ ସେ ହୁଏ ପରମଭକ୍ତ । କର୍ମ, ଜ୍ଞାନ ଓ ଭକ୍ତି କ୍ଷେତ୍ରରେ ପ୍ରତ୍ୟେକ ମୁହୂର୍ତ୍ତରେ ପରମାତ୍ମାଙ୍କ ସହ ସଂଯୋଗ ବା ପରମାତ୍ମାଙ୍କ ସତ୍ତାକୁ ଉପଲବ୍ଧି କରିବା ହିଁ ଯଥାର୍ଥ ଅଟେ । କର୍ମ, ଜ୍ଞାନ ଓ ଭକ୍ତି – ଏହି ତିନୋଟି ଯାକର ମହତ୍ତ୍ୱ ବହୁତ ଅଧିକ । କାରଣ କର୍ମବିହୀନ ଜୀବନର ମୂଲ୍ୟବୋଧ କିଛି ନଥାଏ । ଭକ୍ତି ବିନା ଜୀବନର ସାର୍ଥକତା କିଛି ନଥାଏ । ଜ୍ଞାନ ହେଉଛି ମାର୍ଗଦର୍ଶକ । ଭଗବାନଙ୍କୁ ଜାଣିବା ପାଇଁ, ସଂସାର କର୍ମ ଓ ସୃଷ୍ଟିର ନିୟମକୁ ବୁଝିବା ପାଇଁ ଆତ୍ମଜ୍ଞାନର ଆବଶ୍ୟକତା ରହିଛି । ତେଣୁ ଜ୍ଞାନ ବିନା ଜୀବନରେ ସତ୍ୟର ମାର୍ଗଦର୍ଶନ ହୋଇ ନଥାଏ ।

ମାନବ ଯାହା କର୍ମ କରେ ସେଥିପାଇଁ ଜ୍ଞାନ ହିଁ ତାକୁ ସମସ୍ତ ପରାମର୍ଶ ଦେଇଥାଏ । କେଉଁ କର୍ମ ବିହିତ କର୍ମ ଆଉ କେଉଁଟା ଅବିହିତ କର୍ମ ତା'ର ସୂଚନା ଜ୍ଞାନରୁ ହିଁ ମିଳେ । ଜ୍ଞାନୋଦୟ ହେଲାପରେ ସେ ଅବିହିତ କର୍ମଠାରୁ ଉର୍ଦ୍ଧ୍ୱକୁ ଚାଲିଯାଏ । ସତ୍ୟ ମାର୍ଗର ସନ୍ଧାନ ପ୍ରାପ୍ତି ହୋଇ ଥାଏ । ସେ ସମସ୍ତ ବିହିତ କର୍ମରେ ନିଜକୁ ନିୟୋଜିତ କରିଦିଏ । ପରମାତ୍ମା ଈଶ୍ୱରଙ୍କୁ ଭକ୍ତି କରିବାର ମାର୍ଗ ମଧ୍ୟ ଏହି ଜ୍ଞାନରୁ ମିଳିଥାଏ । ମାର୍ଗଦର୍ଶନ ହେଲାପରେ ଈଶ୍ୱରଙ୍କ ସତ୍ତାକୁ ବୁଝିବାରେ ସାମର୍ଥ୍ୟ ଆସି ଯାଏ ନିଜ ଭିତରେ । ପ୍ରତ୍ୟେକ କ୍ଷୁଦ୍ରକଣିକା ମଧ୍ୟରେ ବୃହତ୍ତର ସନ୍ଧାନର ପ୍ରାପ୍ତି ହୁଏ । କର୍ମ, ଜ୍ଞାନ ଓ ଭକ୍ତିର ସମ୍ମିଶ୍ରଣରେ ଈଶ୍ୱରଙ୍କ ସତ୍ତାକୁ ଉପଲବ୍ଧି କରିବା ସହଜ ହୋଇଥାଏ । ପରମାତ୍ମା ଈଶ୍ୱରଙ୍କ ଅଦୃଶ୍ୟ ଶକ୍ତିରେ ପରିଚାଳିତ ବିଶ୍ୱବ୍ରହ୍ମାଣ୍ଡର ସତ୍ୟତାକୁ ଅନୁଭବ କରିହୁଏ ।

ଏହା ସତ୍ୟ ଯେ, ପ୍ରତ୍ୟେକ ଆତ୍ମା ଭିତରେ ପରମାତ୍ମାଙ୍କ ଅବସ୍ଥାନ । ମାତ୍ର ପରମାତ୍ମା ଈଶ୍ୱର ନିୟତିର ଅଧୀନ କରିଛନ୍ତି ସମସ୍ତ ପ୍ରବୃତ୍ତିକୁ । ମଣିଷ ଏକାକୀ ଜନ୍ମଲାଭ କରି ଏକାକୀ ମଧ୍ୟ ମୃତ୍ୟୁ ଲାଭ କରେ । ତେଣୁ ଏ ଅଳିକ ସଂସାରରେ କୌଣସିବସ୍ତୁ ନୁହେଁ, ଆତ୍ମା ହିଁ ଏକମାତ୍ର ସତ୍ୟ । ପରମାତ୍ମା ହେଉଛନ୍ତି ମହାସତ୍ୟ । ସବୁ ମାୟାର ଅଧୀନ ହୋଇ ମାନବ ଏ ସଂସାରରେ ଘୂରିବୁଲେ । ହେଲେ କିଛି ବି ସାଙ୍ଗରେ ନେଇଯାଏ ନାହିଁ । କର୍ମ ହିଁ ଏଇ ସଂସାରରେ ତା'ର ପରିଚୟ ହୋଇଥାଏ । ଇନ୍ଦ୍ରିୟାସକ୍ତ ହୋଇ ସଂସାର କର୍ମରୁ ଉର୍ଦ୍ଧ୍ୱକୁ ନ ଯିବା ପାଇଁ ପରମାତ୍ମା ଈଶ୍ୱର ମାନବକୁ ଯେଉଁ ଆତ୍ମଜ୍ଞାନ ପ୍ରଦାନ କରିଛନ୍ତି ତାହାକୁ ନିଜ ଚେତନା ମଧ୍ୟରୁ ଅନୁଭବ କରିବାକୁ ହୁଏ । କାରଣ ମନୁଷ୍ୟ ଯାହା କର୍ମ କରେ ତାହା ତା'ର ଚେତନା ଦ୍ୱାରା ନିର୍ଦ୍ଦେଶିତ ହୋଇଥାଏ ।

ପୁଣ୍ୟକର୍ମ ପାଇଁ ପ୍ରଥମେ ଆତ୍ମଶୁଦ୍ଧି ଓ ଆତ୍ମଜ୍ଞାନର ଆବଶ୍ୟକ ହୋଇଥାଏ । ଆତ୍ମଶୁଦ୍ଧି ନ ହେଲେ କର୍ମଶୁଦ୍ଧି ମଧ୍ୟ ହୁଏ ନାହିଁ । କର୍ମଶୁଦ୍ଧି ନ ହେବା ଯାଏ ମାନବ ଜନ୍ମର ଯଥାର୍ଥତା ମିଳେ ନାହିଁ । ଈଶ୍ୱରପ୍ରାପ୍ତି ମଧ୍ୟ ସମ୍ଭବ ହୁଏ ନାହିଁ । ଏହି ହେତୁ ଚେତନାରେ ଶୁଦ୍ଧତା ଆସିବା ଦ୍ୱାରା ମାନବ ପୁଣ୍ୟକର୍ମ କରିବାକୁ ମାର୍ଗଦର୍ଶୀ ହୋଇଥାଏ । ପ୍ରକୃତ ବାସ୍ତବ ସତ୍ୟକୁ ଉପଲବ୍ଧି କରିପାରେ । ତେଣୁ ମନୁଷ୍ୟର ସମ୍ବଳ ହେଉଛି କେବଳ ତା'ର କର୍ମ । ଏହି କର୍ମବାଦ ସମ୍ପର୍କରେ ଭାଗବତରେ କୁହାଯାଇଅଛି–

ଏ ଜୀବ ନିଜ କର୍ମଫଳ । ଭୁଞ୍ଜଇ ରହି ଏ ଶୟଳ ॥
କର୍ମର ମତେ ସୁଖ ଦୁଃଖ । ଜନ୍ମ ମରଣ ହାୟେ ଦେଖ ॥
କର୍ମଟି ସୁଖ ଦୁଃଖ ଦାତା । ବିଶ୍ୱ ସଂସାରେ ବଳବନ୍ତା ॥

ଯେଉଁ କର୍ମ ବର୍ତ୍ତମାନ ହାତରେ ନିହିତ ଥାଏ ତାହା ସବୁଠାରୁ ମହତ୍ୱପୂର୍ଣ୍ଣ ହୋଇଥାଏ । ଯିଏ ସାଙ୍ଗରେ ରହି କର୍ମ କରେ ସେ ସବୁଠାରୁ ମହତ୍ୱପୂର୍ଣ୍ଣ ବ୍ୟକ୍ତି ହୋଇଥାଏ । ଉପସ୍ଥିତ ସମୟ ହିଁ ସବୁଠାରୁ ମହତ୍ୱପୂର୍ଣ୍ଣ ମୂହୁର୍ତ୍ତ ହୋଇଥାଏ । ତେଣୁ ଏ ସବୁ ବ୍ୟର୍ଥ କରିବା ସର୍ବଦା ଅନୁଚିତ । କର୍ମ ଅନୁଯାୟୀ କର୍ମଫଳ ପ୍ରାପ୍ତି ହୋଇଥାଏ । ଉଚିତ କର୍ମ ପାଇଁ ସୁଫଳ ଏବଂ ଅନୁଚିତ କର୍ମ ପାଇଁ କୁଫଳ ମିଳିବା ବିଧିର ବିଧାନ ଅଟେ । ଏହି ହେତୁ ଆତ୍ମଜ୍ଞାନ ଓ ଆତ୍ମଶୁଦ୍ଧି ହିଁ ଉଚିତ କର୍ମ କରିବାକୁ ଦିଗଦର୍ଶନ ଦେଇଥାଏ ।

ଆତ୍ମଶୁଦ୍ଧି ଅର୍ଥାତ୍ ଚେତନାରେ ଶୁଦ୍ଧତା ଆଣିବା ପାଇଁ ଆତ୍ମଜ୍ଞାନ ଜରୁରୀ ହୋଇଥାଏ । ଆତ୍ମାର ଅନୁଶୀଳନ କରିବା ଅର୍ଥ ଚେତନା ମଧ୍ୟରୁ ସମସ୍ତ ବଦ୍‌ଗୁଣକୁ ପରିହାର କରିବା । ଇନ୍ଦ୍ରିୟକୁ ଦମନ କରି ନିୟତ କର୍ମ କଲେ ବିବେକ ତଥା ସତ୍‌ଜ୍ଞାନର ଉଦ୍ରେକ ହୋଇଥାଏ । ଆତ୍ମା କୌଣସି ବସ୍ତୁ କି ପଦାର୍ଥ ନୁହେଁ ଯାହାକୁ ପରିଷ୍କୃତ ବା ଶୁଦ୍ଧ କରିବା ପାଇଁ କୌଣସି କୌଶଳ କିମ୍ବା ପଦ୍ଧତିର ଆବଶ୍ୟକତା ରହିଅଛି । ଆତ୍ମା ବା ବ୍ରହ୍ମ ହେଉଛି ଏକ ଚେତନା । ଏକ ସଜୀବ କ୍ରିୟା । ଯାହାର କ୍ଷୟ ନାହିଁ କି ଅନ୍ତ ମଧ୍ୟ ନାହିଁ । ଯାହାକୁ ଦେଖିହୁଏ ନାହିଁ, ମାତ୍ର ଅନୁଭବ କରିହୁଏ । ଶରୀର ଧାରଣ କରି କର୍ମ କରୁଥିବା ପ୍ରତ୍ୟେକ ଜୀବ ମଧ୍ୟରେ ଏହି ଆତ୍ମା ବିଦ୍ୟମାନ । କର୍ମ ଶେଷ ପରେ ଶରୀର ମୃତ୍ୟୁ ହୁଏ ହେଲେ ଆତ୍ମାର ମୃତ୍ୟୁ ଘଟେ ନାହିଁ । ଆତ୍ମା ସର୍ବଦା ଜୀବନ୍ତ । ପରମାତ୍ମା ଭଗବାନଙ୍କ ନିର୍ଦ୍ଦେଶରେ ମୃତ୍ୟୁପରେ ଶରୀରଠାରୁ ଆତ୍ମା ପୃଥକ ହୁଏ । ଭିନ୍ନ ଏକ ଜନ୍ମ ବୃତ୍ତାନ୍ତ ହୁଏ । ତେଣୁ ଆତ୍ମା ହେଉଛି ଅବିନାଶୀ, ଅମର ଓ ଅକ୍ଷୟ । ଆତ୍ମା ବିହୀନ ଶରୀର ମୃତ ଶରୀର ଅଟେ ।

ଆତ୍ମଶୁଦ୍ଧି ପାଇଁ ଚେତନାରୁ କୁଟୀଳତା ପରିତ୍ୟାଗ କରି ସରଳ ହେବା ଆବଶ୍ୟକ । ସରଳ ଓ ସମ୍ବେଦନଶୀଳ ହେବା ଦ୍ୱାରା ମନରେ ସହାନୁଭୂତି ଆସେ । ଦୟା, ପ୍ରେମ ଓ କ୍ଷମା ଭାବନା ଜାଗ୍ରତ ହୁଏ । ବ୍ୟକ୍ତିର ବାହ୍ୟ ଓ ଆଭ୍ୟନ୍ତରୀଣ ରୂପ, କର୍ମ ଓ ବଚନରେ ସମତା ଆସିଥାଏ । ସରଳତା ହିଁ ଜଗତକୁ ଯୋଡିଥାଏ । ସମ୍ପର୍କକୁ ଦୃଢ ସୂତ୍ରରେ ବାନ୍ଧିଥାଏ । ମାତ୍ର କୁଟୀଳତା ସବୁଥିରେ ବିଚ୍ଛିନ୍ନତା ଆନୟନ କରିଥାଏ । ବ୍ୟକ୍ତିତ୍ୱକୁ ନଷ୍ଟ କରିଥାଏ । ପ୍ରତ୍ୟେକ କର୍ମରେ ଅସ୍ୱଚ୍ଛତା ଭରିଥାଏ । କୁ-ମାର୍ଗରେ ଯାଇ ଅକର୍ମ କରିବାକୁ ପ୍ରବର୍ତ୍ତାଇ ଥାଏ ।

ସରଳତା ପରମାତ୍ମା ଈଶ୍ୱରଙ୍କ ପ୍ରିୟ ହୋଇଥାଏ । ଆଚରଣ ଓ ଉଚ୍ଚାରଣରେ ସରଳ ହେବା ହିଁ ପରମାତ୍ମାଙ୍କର ନିର୍ଦ୍ଦେଶ ଅଟେ । ଗୋସ୍ୱାମୀ ତୁଳସୀ ଦାସକୃତ, ଶ୍ରୀରାମଚରିତ ମାନସରେ ବର୍ଣ୍ଣିତ ହୋଇଛି - ନିର୍ମଳ ମନ ଜନ ସୋମୋହି ପାବା । ମୋହି କପଟ ଛଳଛିଦ୍ର ନ ଭାବା ।

ଭକ୍ତି ମଧ୍ୟ ଏକ ପ୍ରକାର କର୍ମ ଅଟେ । ଈଶ୍ୱରଙ୍କ ପ୍ରତି, ଗୁରୁଙ୍କ ପ୍ରତି, ଗୁରୁଜନଙ୍କ ପ୍ରତି ଭକ୍ତି କରିବା ମାନବ କର୍ମର ଅନ୍ତର୍ଭୁକ୍ତ । ସେବା, ତ୍ୟାଗ, ସମର୍ପଣ, ସଂପ୍ରୀତି ଏହିସବୁ କର୍ମ ଭକ୍ତି ଭାବରେ ହିଁ ଆସେ । ଭକ୍ତିଯୋଗ ସମ୍ପର୍କରେ ଭାଗବତରେ ଉପଯୁକ୍ତ ଜ୍ଞାନ ପ୍ରଦାନ କରାଯାଇ ଅଛି । ଭକ୍ତି ଭିନ୍ନ ଭଗବାନ ପ୍ରାପ୍ତି ନାହିଁ । ତେଣୁ କୁହାଯାଇଅଛି –

'କର୍ମ ମୋହର ନିଜ ଗୁରୁ, ଉଦ୍ଧବ କେତେତୁ ପରରୁ' ।

କର୍ତ୍ତବ୍ୟ ପ୍ରତି ବିମୁଖ ହୋଇ ପଳାୟନ କରିବାରେ ଭକ୍ତି ନଥାଏ । ବରଂ କର୍ତ୍ତବ୍ୟ ପାଳନ ପୂର୍ବକ ଈଶ୍ୱରଙ୍କୁ ସ୍ମରଣ କରି ସତ୍ୟମାର୍ଗରେ ଚାଲିବା ହିଁ ବାସ୍ତବ ଭକ୍ତି ଅଟେ । ଏହିହେତୁ କର୍ତ୍ତବ୍ୟ ପ୍ରତି ବିମୁଖ ନ ହୋଇ ମନର ବିକାରଗୁଡିକୁ ତ୍ୟାଗ କରିବାର ପ୍ରୟୋଜନୀୟତା ବାଂଛନୀୟ ହୋଇଥାଏ । ଭକ୍ତି ମଧ୍ୟ ଉତ୍କଳୀୟ ସଂସ୍କୃତିର ମୁଖ୍ୟ ବିଶେଷତ୍ୱ । ଏହି ଭକ୍ତିକୁ ନେଇ ଭାଗବତରେ ବର୍ଣ୍ଣିତ ଅଛି–

"ନିରତେ ଥିବ ସାଧୁ ସଙ୍ଗେ,
ନିର୍ମଳ ଭକ୍ତିଯୋଗ ମାର୍ଗେ" ।

ଶ୍ରୀଜଗନ୍ନାଥ ହେଉଛନ୍ତି ମହାଶୂନ୍ୟ । ସେ ମଧ୍ୟ ହେଉଛନ୍ତି ପୂର୍ଣ୍ଣ । ସେ ସାକାର ପୁଣି ନିରାକାର । ସେ ନିତ୍ୟ ପୁଣି ଅନିତ୍ୟ । ସେହିଁ ଅସୀମ । ସେହି ସସୀମ । ସେ ଶିବ ପୁଣି ଶିବା । ସେ ରାମ ପୁଣି ରମା । ସେ ଲୀଳା ରୂପରେ ଅର୍ଦ୍ଧ ନାରୀଶ୍ୱର । ନର ଓ ନାରୀ ଉଭୟ ରୂପର ସମନ୍ୱୟ ତାଙ୍କ ଭିତରେ । ଶ୍ରୀକୃଷ୍ଣ ହେଉଛନ୍ତି ପୁରୁଷ । ରାଧା ହେଉଛନ୍ତି ନାରୀ ପ୍ରକୃତି । ପ୍ରକୃତି ଓ ପୁରୁଷଙ୍କ ମିଳନରେ ଏ ସୃଷ୍ଟି ସଚଳ । ପୁରୁଷ ଓ ପ୍ରକୃତି ପରସ୍ପର ପରିପୂରକ । ପୃଥିବୀର ସର୍ବ ସୁନ୍ଦର ତମ ରୂପ ମଧ୍ୟରେ ଶିବ ଓ ଶକ୍ତିଙ୍କ ସମ୍ମିଳିତ ରୂପ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଅର୍ଦ୍ଧାଙ୍ଗ ଶିବ ଓ

ଅର୍ଦ୍ଧାଙ୍ଗ ପାର୍ବତୀ ହେଉଛନ୍ତି ଶକ୍ତିମୟ ରୂପ । ପାର୍ବତୀ ଶ୍ରଦ୍ଧା ଓ ଶିବ ବିଶ୍ୱାସର ପ୍ରତୀକ । ବିଷ୍ଣୁ ପୁରାଣରେ ଉଲ୍ଲେଖ ଅଛି, ସୃଷ୍ଟିର ଆରମ୍ଭରେ ରୁଦ୍ର ଅଧା ଶରୀରକୁ ପୁରୁଷ ଓ ଅଧା ଶରୀରକୁ ନାରୀ ଭାବେ ପ୍ରକଟିତ କରି ଦର୍ଶନ ଦେଇଥଲେ । ଏହା ଦେଖି ବ୍ରହ୍ମା ସନ୍ତୁଷ୍ଟ ହୋଇଥିଲେ । "ଅର୍ଦ୍ଧନାରୀ ନର ବପୁଃ ପ୍ରଚଣ୍ଡୋଽତିଶରୀରବାନ ।" ବୃହଦାରଣ୍ୟକ ଉପନିଷଦରେ ମଧ୍ୟ ଏହି ଭାବବ୍ୟକ୍ତ କରାଯାଇଛି ଯେ, ସର୍ବପ୍ରଥମେ ସବୁ କେବଳ ଆତ୍ମାହିଁ ଥିଲା । ତାହା ପୁରୁଷ ସଦୃଶ୍ୟ ଥିଲା । ଏହି ଏକା ଏକା ଭାବ ଭଲ ନ ଲାଗିବାରୁ ପୁରୁଷ ଓ ପ୍ରକୃତିର ମିଳନରୁ ଦୁଇଭାଗ ହେଲା ।

ଆତ୍ମା ହେଉଛି ସମସ୍ତ ଶକ୍ତିର ସର୍ବୋଚ୍ଚ, ସର୍ବ ମହାନ୍ ଓ ସ୍ୱୟଂସମ୍ପୂର୍ଣ୍ଣ ନିଦର୍ଶନ । ଶ୍ରୀଜଗନ୍ନାଥଙ୍କ ଶୂନ୍ୟ ଆକାରରେ ସବୁକିଛି ଲୀନ ହେଲା ଭଳି ଆତ୍ମା ବା ବ୍ରହ୍ମରେ ହିଁ ସବୁ ଲୀନ ହୋଇଥାଏ । ତେଣୁ ଯଥାର୍ଥରେ କୁହାଯାଇଛି-

"ଆତ୍ମା କୁଶଳେ ସର୍ବ ସିଦ୍ଧି, ତରଇ ସଂସାର ବାରିଧି" ।

ଭାରତୀୟ ସଂସ୍କୃତି ଆତ୍ମାକୁ ବ୍ୟାପକ ଅର୍ଥରେ ଗ୍ରହଣ କରେ । ପୁରୁଷ ଓ ପ୍ରକୃତି ସମନ୍ୱିତ ରୂପ ଭଳି ଆତ୍ମା ଓ ଶରୀରଏକତ୍ର ଜଡିତ । ଶରୀରଠାରୁ ଆତ୍ମା ପୃଥକ୍ ହେଲେ ତାହା ଜଡ଼ ପାଲଟି ଯାଏ ।

ଉପନିଷଦରେ ବର୍ଣ୍ଣିତ ହୋଇଅଛି ଯେ, ଆତ୍ମାରେ ସ୍ତ୍ରୀ ଓ ପୁରୁଷର ପ୍ରଭେଦ ନାହିଁ । ଏହା ବ୍ୟତୀତ ଭାରତୀୟ ସଂସ୍କୃତି ଅନୁଯାୟୀ କେବଳ ନରନାରୀ ନୁହେଁ, ପଶୁପକ୍ଷୀ, ବୃକ୍ଷଲତା ସମସ୍ତଙ୍କଠାରେ ଆତ୍ମା ବିଦ୍ୟମାନ । ଶ୍ରୀମଦ୍ ଭଗବତ୍ ଗୀତାରେ ମଧ୍ୟ ବର୍ଣ୍ଣିତ ଅଛି ଯେ, ଯେଉଁ ବ୍ୟକ୍ତି ଏହି ସମତାର ତତ୍ତ୍ୱଜ୍ଞାନ ଅନୁଭବ କରେ ସେହିଁ ପଣ୍ଡିତ । ଏହିହେତୁ ସମସ୍ତ କର୍ମ ଓ ବୈଭବରେ ଉଭୟଙ୍କର ସମ ଅଧିକାର ରହିଅଛି । ପରମାତ୍ମା ଭଗବାନ ଯେଉଁଠି ପ୍ରକୃତି ବିନା ଅସମ୍ପୂର୍ଣ୍ଣ, ତା'ସହିତ ଏ ସୃଷ୍ଟି ଅସମ୍ଭବ ତେବେ ଆତ୍ମା ଭିତରେ ପରମାତ୍ମାଙ୍କ ସଂଯୋଗ ରହିବା ମଧ୍ୟ ସତ୍ୟ ଅଟେ । ଏହି ସତ୍ୟକୁ ଉପଲବ୍ଧି କଲାପରେ ପରମାନନ୍ଦ ପ୍ରାପ୍ତି ହୋଇଥାଏ । ଜୀବନର ସାର୍ଥକତା ଆସି ଥାଏ ।


ପ୍ଲଟ ନଂ.୧୩୬/୮୫୦
ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର – ୧୮
ଦୂରଭାଷ : ୯୦୭୮୨୧୬୫୮୦